ଧରିତ୍ରୀ
ତାରିଖ: ୩୦.୦୭.୨୦୨୫

# ବିଆଇଆଇଟିଏମ୍‌ରେ ପ୍ଲେସ୍‌ମେଣ୍ଟ ଓରିଏଣ୍ଟେଶନ ପ୍ରୋଗ୍ରାମ

ଭୁବନେଶ୍ୱର,୨୯।୭(ଅନୁରାଧା ମହାରଣା)

ବିଆଇଆଇଟିଏମ୍ ଭୁବନେଶ୍ୱର ପ୍ଲେସ୍‌ମେଣ୍ଟ ସେଲ୍ ପକ୍ଷରୁ ୨ଦିନିଆ ବିଆଇଆଇଟିଏମ୍ ପ୍ଲେସ୍‌ମେଣ୍ଟ ଓରିଏଣ୍ଟେଶନ ପ୍ରୋଗ୍ରାମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଆଇଆଇଟିଏମ୍‌ର ପ୍ରଫେସର ମିହିର ରଞ୍ଜନ ନାୟକ, ଏକାଡେମିକ ଡିନ ପ୍ରଫେସର ଚିନ୍ମୟ କୁମାର ଦାଶ, ପ୍ଲେସମେଣ୍ଟ ଓ ଟ୍ରେନିଂ ପ୍ରଫେସର ମୁଖ୍ୟ କେ. ଚନ୍ଦ୍ରଶେଖର ଉଦବୋଧନ ଦେଇଥିଲେ। ବିଆଇଆଇଟିଏମ୍ ଆଲୁମନାଇ ଆସୋସିଏଶନ ସଭାପତି ଅଙ୍କୁଶ କୁମାର ପାଣି ଛାତ୍ରଙ୍କୁ ପ୍ରେରଣା ଦେଇଥିଲେ। ପ୍ରଫେସର କେ. ଚନ୍ଦ୍ରଶେଖର, ଡ. ବରୁଣ ଅଗ୍ରୱାଲ ଏବଂ ଡ. ଅଞ୍ଜାନ ଦାଶ ଚୟନ ପ୍ରକ୍ରିୟା ଓ ଗ୍ରୁପ ଡିସ୍‌କଶନ ଉପରେ ଏକ ପ୍ରେଜେଣ୍ଟେସନ ଦେଇଥିଲେ। ପ୍ରଥମ ଦିନର ଦ୍ୱିତୀୟାର୍ଦ୍ଧରେ 'କ୍ୟାମ୍ପସ ଟୁ କର୍ପୋରେଟ୍' ସେଶନରେ ଜନ ସ୍ମଲ ଫାଇନାନ୍ସ ବ୍ୟାଙ୍କର ଭାଇସ୍ ପ୍ରେସିଡେଣ୍ଟ ବିଶ୍ୱନାଥ ମହାପାତ୍ର, ଆରଏମ୍ ସନ୍ଦୀପ ରଥ ଏବଂ ତପନ କୁମାର ମହାନ୍ତି ବ୍ୟାଙ୍କିଙ୍ଗ କ୍ଷେତ୍ରରେ ରିସ୍କ ସଚେତନତା ଓ ଗ୍ରାହକ-କେନ୍ଦ୍ରୀୟତା ପରି ଶିଳ୍ପ-ନିର୍ଦ୍ଦିଷ୍ଟ ଅନ୍ତର୍ଦୃଷ୍ଟି ଏବଂ ସେଲ୍ସ କ୍ଷେତ୍ରରେ ନିଜର ଅଭିଜ୍ଞତା ବାଣ୍ଟିଥିଲେ। ଦ୍ୱିତୀୟ ଦିନ ଫ୍ୟାକଲ୍ଟି ସେସନରେ ପ୍ରଫେସର ରୂପମ୍ବିକା ପଟ୍ଟନାୟକ, ଡ. ଅଙ୍କିତା ଅଗ୍ରୱାଲ, ଏବଂ ପ୍ରଫେସର ସ୍ମରଣିକା ଦାଶ ଅଂଶଗ୍ରହଣ କରିଥିଲେ। ପରେ 'କ୍ୟାମ୍ପସ ଟୁ କର୍ପୋରେଟ୍' ସେସନରେ ରିଲାଏନ୍ସ ରିଟେଲ ଲିମିଟେଡ ଡେପୁଟି ମ୍ୟାନେଜର କ୍ଲଷ୍ଟର ଏଚ୍‌ଆର୍ ରିମ୍ପିନା ରଥ ଏବଂ ମାର୍କେଟିଂ କ୍ଲଷ୍ଟର ମ୍ୟାନେଜର ଶଶାଙ୍କ କୁମାର କ୍ଲଷ୍ଟର ଦକ୍ଷତା ବିକାଶ ଏବଂ ପ୍ଲେସମେଣ୍ଟ ପୂର୍ବ ତାଲିମର ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ। ପେପ୍‌ସିକୋ ଏଚ୍‌ଆର୍ ବିଜନେସ ପାର୍ଟନର ସେସନରେ ସବ୍ୟସାଚୀ ଜେନା, ଏଚ୍‌ଆର୍ ଏକ୍ସିକ୍ୟୁଟିଭ୍ ରୋଶନୀ ଖୁଣ୍ଟିଆ ଏବଂ ଏରିଆ ସେଲ୍ସ ମ୍ୟାନେଜର ତୃପ୍ତିମୟୀ ଦାସ କର୍ପୋରେଟ ସଂସ୍କୃତି, ଯୋଗାଯୋଗ ଦକ୍ଷତା, ଦଳଗତ କାର୍ଯ୍ୟ, ଏଫ୍‌ଏମ୍‌ସିଜି କ୍ଷେତ୍ରରେ ବ୍ରାଣ୍ଡ ମ୍ୟାନେଜମେଣ୍ଟ ଓ ସେଲ୍ସ ସାଇକେଲ, ଏବଂ ପ୍ରଫେସନାଲ ବ୍ରାଣ୍ଡିଂ ଉପରେ ଆଲୋକପାତ କରିଥିଲେ। ଆସୋସିଏଟ୍ ପ୍ରଫେସର ଡ. ଅଞ୍ଜନ ଦାଶ ଓ ପ୍ଲେସ୍‌ମେଣ୍ଟ ଅଫିସର ବିଯୁକ୍ତା ମହାରଣାଙ୍କ ସହଯୋଗରେ କାର୍ଯ୍ୟକ୍ରମ ହୋଇଥିଲା।